# NATIONAL NEWS BULLETIN (ODIA)
## 26th May - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୋର୍ ଧରିଲା ପ୍ରଚାର ।

— ନିର୍ବାଚନୀ ର୍‍ୟାଲିଗୁଡ଼ିକରେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତୃବୃନ୍ଦ ।

- ଶିଶୁ ଚିକିତ୍ସାଳୟ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରିବାକୁ ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କୁ ଉପରାଜ୍ୟପାଳଙ୍କ ନିର୍ଦ୍ଦେଶ ।

- ସାମୁଦ୍ରିକ ଝଡ଼ 'ରେମାଲ୍' ପଶ୍ଚିମବଙ୍ଗର ସାଗର ଦ୍ୱିପପୁଞ୍ଜ ଏବଂ ବାଂଲାଦେଶର ଖେପୁପାରା ମଧ୍ୟଭାଗରେ ଆଜି ମଧ୍ୟରାତ୍ରରେ ସ୍ପର୍ଶ କରିବ ସ୍ଥଳଭାଗ ।

- ପୁପୁଆ ନିୟୁଗିନିର କାଓକାଲାମ୍ଠାରେ ଭୂସ୍ଖଳନରେ ୬୭୦ ଜଣ ମାଟିତଳେ ଚାପିହୋଇ ପଡ଼ିଛନ୍ତି ବୋଲି ଜାତିସଂଘର ଜଣେ ଅଧିକାରୀଙ୍କ ସୂଚନା ।

ଏବଂ

- ଆଉ କିଛି ସମୟ ପରେ ଚଳିତ ଆଇ.ପି.ଏଲ୍. କ୍ରିକେଟ୍ ସିରିଜ୍‌ର ଫାଇନାଲ ମୁକାବିଲା ।

— ଟସ୍ ଜିତି ବ୍ୟାଟିଂ କରିବାକୁ ସନ୍‌ରାଇଜର୍ସ ହାଇଦ୍ରାବାଦର ନିଷ୍ପତ୍ତି ।

## ୟୁ.ପି. - ପି.ଏମ୍. ର୍‍ୟାଲି

ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଗ୍ରହଣ ଆସନ୍ତା ମାସ ପହିଲାରେ ଅନୁଷ୍ଠିତ ହେବ । ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ଲାଗି ଏହି ପର୍ଯ୍ୟାୟରେ ୯୦୪ ଜଣ ପ୍ରାର୍ଥୀ ସେମାନଙ୍କର ରାଜନୈତିକ ଭବିଷ୍ୟତ ପରୀକ୍ଷା କରୁଛନ୍ତି ।

ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତର ପ୍ରଦେଶର ମିର୍ଜାପୁର, ମାଉ ଏବଂ ବଂଶଗାଓଁ ଠାରେ ନିର୍ବାଚନୀ

ର୍ୟାଲିଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେ କହିଛନ୍ତି, ବି.ଜେ.ପି. ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରଙ୍କ ସ୍ୱଚ୍ଛ ନୀତି ତଥା ଦୃଢ଼ ଚିନ୍ତାଧାରା ଯୋଗୁଁ ଦେଶବାସୀ ସେମାନଙ୍କୁ ତୃତୀୟ ଥର ଲାଗି ସରକାର ଗଢ଼ିବାକୁ ସୁଯୋଗ ଦେବେ ବୋଲି ନିଷ୍ପତ୍ତି ନେଇସାରିଛନ୍ତି । ଉତ୍ତର ପ୍ରଦେଶରେ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଥିଲେ ।

ବି.ଜେ.ପି. ନେତା ତଥା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମିର୍ଜାପୁର, ଚାନ୍ଦୌଲି, ଘାଜିପୁର ଏବଂ ଗୋରଖପୁରଠାରେ ଆୟୋଜିତ ଜନସମାବେଶଗୁଡିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନବଭାରତ ଗଠନର ସ୍ୱପ୍ନ ସମ୍ଭବ ହୋଇପାରିବ । ଭାରତ ବିଶ୍ୱଶକ୍ତିରେ ପରିଣତ ହେବା ସହ ଗତ ୧୦ ବର୍ଷରେ ସୀମାସୁରକ୍ଷା ସୁଦୃଢ଼ ହୋଇପାରିଛି ବୋଲି ସେ କହିଛନ୍ତି ।

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ସାଲେମ୍ପୁର ଏବଂ ବାଲିଆଠାରେ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନର ସରକାରଙ୍କ ଅମଳରେ ଦେଶରେ ମୁଦ୍ରାସ୍ଫୀତି ଏବଂ ବେକାରୀ ସମସ୍ୟାକୁ ନେଇ ଜନସାଧାରଣ ଅସନ୍ତୁଷ୍ଟ ଅଛନ୍ତି । ବି.ଜେ.ପି. ନେତୃତ୍ୱାଧୀନ ସରକାର ଚାଷୀଙ୍କୁ ତାଙ୍କର ପ୍ରକୃତ ପ୍ରାପ୍ୟ ପ୍ରଦାନ କରିବାରେ ଅସମର୍ଥ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି ।

ବାରାଣସୀଠାରେ ଗଣମାଧ୍ୟମକୁ ସମ୍ବୋଧନ କରି କଂଗ୍ରେସ ମୁଖପାତ୍ର ପଓ୍ୱନ୍ ଖେଡ଼ା' ବି.ଜେ.ପି. ସରକାର ଚାଷୀମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

## ବିହାର କ୍ୟାମ୍ପେନିଙ୍ଗ୍

ବିହାରରେ ମଧ୍ୟ ଆଜି ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନର୍ବାଚନ ପ୍ରଚାରରେ ସାମିଲ୍ ହୋଇଥିଲେ । ଜେହନାବାଦ୍ ସଂସଦୀୟ କ୍ଷେତ୍ର ଅଞ୍ଚଳରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରି ବି.ଜେ.ପି.ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଚଳିତ ନିର୍ବାଚନରେ ଏନ୍.ଡି.ଏ. ବହୁମତ ହାସଲ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଦେଶବାସୀଙ୍କ ବିଶ୍ୱାସ ରହିଛି ଏବଂ ଏନ୍.ଡି.ଏ. ଦେଶରେ ସ୍ଥିର ସରକାର ଦେଇପାରିବ ବୋଲି ସେମାନଙ୍କର ଆଶା ରହିଛି । ଆରା'ଠାରେ ମଧ୍ୟ ଶ୍ରୀ ନଡ୍ଡା ଏକ ନିର୍ବାଚନୀ ର୍ୟାଲିରେ ଯୋଗ ଦେଇଥିଲେ ।

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଔରଙ୍ଗାବାଦ୍‌ର ଦାଉଦ୍‌ନଗରଠାରେ ନିର୍ବାଚନୀକୁ ସମ୍ବୋଧନ କରିଥିଲେ । ଏହାପରେ ଭଭୁଆ'ଠାରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଛନ୍ତି ।

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଇଣ୍ଡି ମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ ମୋହଲିଆଠାରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିଛନ୍ତି ।

ସେହିପରି ଭିନ୍ନ ଭିନ୍ନ ନିର୍ବାଚନୀ ର୍ୟାଲିରେ ସି.ପି.ଆଇ.ଏମ୍. ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ, ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ, ମନୋଜ ଝା ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ୍ ହୋଇଥିଲେ ।

## ରାହୁଲ୍ ଗାନ୍ଧି - ଏଚ୍.ପି. ର୍ୟାଲି

ବରିଷ୍ଠ କଂଗ୍ରେସ ନେତା ରାହୁଲ୍ ଗାନ୍ଧି ହିମାଚଳ ପ୍ରଦେଶର ସିର୍‌ମାଉର୍ ଜିଲ୍ଲାର ନାହାନ୍‌ଠାରେ ଆଜି ଏକ ନିର୍ବାଚନୀ ର୍ୟାଲିରେ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି, ଚଳିତ ନିର୍ବାଚନ ଭାରତର ଗଣତନ୍ତ୍ର ଇତିହାସରେ ପ୍ରଥମ ଥରପାଇଁ ସମ୍ବିଧାନକୁ ସୁରକ୍ଷା ଦେବା ଲକ୍ଷ୍ୟରେ କଂଗ୍ରେସ ଲଢ଼େଇ କରୁଛି । ସେ ଅଭିଯୋଗ କରି କହିଛନ୍ତି, ହିମାଚଳ ପ୍ରଦେଶରେ ମୌସୁମୀଜନିତ ବିପର୍ଯ୍ୟୟର ମୁକାବିଲା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ପାଣ୍ଠି ଯୋଗାଇପାରି ନ ଥିଲେ । ଆଜି ହମିର୍‌ପୁର ସଂସଦୀୟ କ୍ଷେତ୍ରର ଉନା’ଠାରେ ଏକ ନିର୍ବାଚନୀ ର୍ୟାଲିରେ ମଧ୍ୟ ଶ୍ରୀ ଗାନ୍ଧି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

# ଏଲ୍.ଜି. - ଦିଲ୍ଲୀ ଫାୟାର୍

ଦିଲ୍ଲୀର ଉପରାଜ୍ୟପାଳ ଭି.କେ. ସାକ୍ସେନା ଶିଶୁ ଚିକିତ୍ସାଳୟ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରିବାକୁ ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ପୁଲିସ୍ କମିଶନର୍ଙ୍କୁ ଶ୍ରୀ ସକ୍ସେନା କହିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ଉପରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଦିଲ୍ଲୀର ବିବେକବିହାର ଅଞ୍ଚଳରେ ଥିବା ଏକ ଶିଶୁ ଚିକିତ୍ସାଳୟରେ ଅଗ୍ନିକାଣ୍ଡ ଘଟି ୬ଜଣ ନବଜାତକଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନେକ ଶିଶୁ ଆହତ ହୋଇଥିବା ଜଣାପଡିଛି । ଅଗ୍ନିକାଣ୍ଡ ସମୟରେ ୧୨ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୬ଜଣଙ୍କୁ ଅନ୍ୟତ୍ର ଚିକିତ୍ସା କରାଯାଉଛି । ଗତକାଲି ରାତି ସାଢ଼େ ୧୧ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା ।

## ରେମାଲ୍

ପଶ୍ଚିମବଙ୍ଗର ସାଗର ଦ୍ୱିପପୁଞ୍ଜ ଏବଂ ବାଂଲାଦେଶର ଖେପୁପାରା ମଧ୍ୟଭାଗରେ ସାମୁଦ୍ରିକ ଝଡ଼ 'ରେମାଲ୍' ଆଜି ମଧ୍ୟରାତ୍ରରେ ସ୍ଥଳଭାଗ ସ୍ପର୍ଶ କରିବାର ସମ୍ଭାବନା ରହିଛି । ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ପଶ୍ଚିମବଙ୍ଗ ସରକାର ବ୍ୟାପକ ରିଲିଫ୍ ଓ ଥଇଥାନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ସଚିବାଳୟ ନବାନ୍ନ'ରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଆଜି ମଧ୍ୟାହ୍ନରୁ ୨୧ ଘଣ୍ଟା ପର୍ଯ୍ୟନ୍ତ ବିମାନ ଚଳାଚଳକୁ ବନ୍ଦ ରଖାଯାଇଛି ।

ଅନ୍ୟପକ୍ଷରେ ସାମୁଦ୍ରିକ ଝଡ଼ର ପ୍ରଭାବକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ସୁରକ୍ଷା ତଥା ସହାୟତା ଯୋଗାଇଦେବା ଲକ୍ଷ୍ୟରେ ନୌସେନା ପକ୍ଷରୁ ଦୁଇଟି ଜାହାଜକୁ ମୁତୟନ କରାଯାଇଛି ।

## ପପୁଆ - ନିୟୁ ଗିନି ଲ୍ୟାଣ୍ଡସ୍ଲାଇଡ୍

ପୁପୁଆ ନିୟୁଗିନିର ଏଙ୍ଗା ପ୍ରଦେଶ ଅନ୍ତର୍ଗତ କାଓକାଲାମ୍‌ଠାରେ ଭୂସ୍ଖଳନ ଯୋଗୁଁ ୬୭୦ ଜଣ ମାଟିତଳେ ଚାପିହୋଇ ପଡ଼ିଥିବା ଆକଳନ କରାଯାଇଛି

ବୋଲି ଜାତିସଂଘର ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ରାଜଧାନୀ ପୋର୍ଟ ମୋରେସ୍‌ବିଠାରେ ୬୦୦ କିଲୋମିଟର ଦୂର କାଓକାଲାମ୍ ଅଞ୍ଚଳରେ ଗତ ଶୁକ୍ରବାର ଭୋରୁ ଏହି ଭୂସ୍ଖଳନ ହୋଇଥିବା ଜଣାପଡ଼ିଛି । ଏବେ ମଧ୍ୟ ଦେଢ଼ଶହରୁ ଅଧିକ ବାସଗୃହ ପୋତିହୋଇ ରହିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ସୂଚନା ଦେଇ ପପୁଆ ନିୟୁଗିନିର International Organisation for Migrationର ମୁଖ୍ୟ ସେରହାନ୍ ଅକ୍ଟୋପାସ୍ କହିଛନ୍ତି, ସେହି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଜଳ ପ୍ରବାହ ଯୋଗୁଁ ଜମି ଏବେବି ଭୂସ୍ଖଳନ ହେଉଛି । ପ୍ରଭାବିତ ଅଞ୍ଚଳରେ ପ୍ରାୟ ୪ ହଜାର ଲୋକ ବସବାସ କରୁଥିଲେ ବୋଲି ସେ କହିଛନ୍ତି ।

## ଜି.-୭ - ଫାଇନାନ୍ସ ମିଟିଙ୍ଗ୍

G-7 ରାଷ୍ଟ୍ରସମୂହର ଆର୍ଥିକ ବୈଠକରେ ବିଶ୍ୱ ଅର୍ଥନୈତିକ ଧାରା, ୟୁକ୍ରେନ୍ ପାଇଁ ଆର୍ଥିକ ସହାୟତା ଏବଂ ବହୁମୁଖୀ ବିକାଶ କ୍ଷେତ୍ରରେ ବ୍ୟାଙ୍କର ଉପଯୋଗିତା ଉପରେ ଆଲୋଚନା ହୋଇଛି । ଇଟାଲୀର ଟ୍ରେସା'ଠାରେ ଏହି ତିନିଦିନିଆ ବୈଠକ ଗତକାଲି ଶେଷ ହୋଇଛି । G-7 ରାଷ୍ଟ୍ରସମୂହର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ୍‌ର ଗଭର୍ଣ୍ଣର୍‌ମାନେ ଏଥିରେ ଯୋଗଦେଇ ଏକାଧିକ ଆହ୍ୱାନର ମୁକାବିଲା କରିବାରେ ବିଶ୍ୱ ଅର୍ଥନୀତି ଆଶାଠାରୁ ଅଧିକ

ସ୍ଥିରତା ପ୍ରଦର୍ଶନ କରିଛି ବୋଲି କହିଛନ୍ତି । ଶ୍ରମ ବଜାର ଅପେକ୍ଷାକୃତ ଭାବେ ଦୃଢ଼ ରହିଛି ଏବଂ ମୁଦ୍ରାସ୍ଫୀତି ହାର ହ୍ରାସ ପାଉଛି ବୋଲି ବୈଠକ ପରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ସୂଚନାଯୋଗ୍ୟ, ଅର୍ଥନୈତିକ ନୀତି ଏବଂ ନିରାପତ୍ତା ପ୍ରସଙ୍ଗକୁ ନେଇ ପ୍ରତିବର୍ଷ G-7 ରାଷ୍ଟ୍ରସମୂହର ବୈଠକ ଅନୁଷ୍ଠିତ ହୋଇଥାଏ । କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଏହାର ସଦସ୍ୟ ଅଛନ୍ତି ।

## ଟେଲିକମ୍ ଡାଇରେକ୍ଟିଭ୍ସ୍

ଆନ୍ତର୍ଜାତିକ ନକଲ ଟେଲିଫୋନ୍ କଲ୍କୁ ରୋକିବାପାଇଁ ସରକାର ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଦୂରସଞ୍ଚାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଏହି ନକଲି କଲ୍ଗୁଡ଼ିକ ସ୍ପୁଫିଙ୍ଗ୍ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଭାରତୀୟମାନଙ୍କ ପାଖକୁ ଆସୁଛି । ଭାରତୀୟ ମୋବାଇଲ୍ ନମ୍ବର ବ୍ୟବହାର କରି ଏଭଳି କଲ୍ ଆସୁଥିବାରୁ ଜନସାଧାରଣ ଠକେଇରେ ପଡୁଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ, ଟେଲିକମ୍ ବିଭାଗ ସହ ମିଳିତ ଭାବେ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏହି ନକଲି କଲ୍ଗୁଡ଼ିକୁ ଚିହ୍ନଟ କରିବା ସହ ଏହାକୁ ରୋକିବା ଲାଗି ପଦକ୍ଷେପ ନେବେ । ଏଥିପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ

କରାଯାଇଛି । ସୂଚନାଯୋଗ୍ୟ, ଭାରତୀୟ ଲ୍ୟାଣ୍ଡ୍ ଲାଇନ୍ ନମ୍ବର ଉପଯୋଗ କରି ଆସୁଥିବା ଏହି ନକଲି କଲ୍‌ଗୁଡ଼ିକୁ ପୂର୍ବରୁ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଅବରୋଧ କରିସାରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ ପବ୍ଲିକ୍ ସ୍ପିକ୍ ଆସନ୍ତାକାଲି ରାତି ସାଢ଼େ ୯ଟାରେ ସିଧାସଳଖ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମର ଶୀର୍ଷକ ରହିଛି "ବର୍ଷାଜଳ ସଂରକ୍ଷଣ" । ଏଥିରେ ଜାତୀୟ ଗଙ୍ଗା ସଫେଇ ମିଶନ୍‌ର ପୂର୍ବତନ ମହାନିର୍ଦ୍ଦେଶକ ଜି. ଅଶୋକ କୁମାର ଏବଂ ଜାତୀୟ ଜଳ ମିଶନ୍‌ର ମିଶନ ନିର୍ଦ୍ଦେଶକ ଅର୍ଚ୍ଚନା ବର୍ମା ବିଶେଷଜ୍ଞ ଭାବେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ଶ୍ରୋତା ଟେଲିଫୋନ୍ ମାଧ୍ୟମରେ ସିଧାସଳଖ ବିଶେଷଜ୍ଞମାନଙ୍କୁ ସେମାନଙ୍କର ପ୍ରଶ୍ନ ପଚାରିପାରିବେ । ଟେଲିଫୋନ୍ ନମ୍ବରଗୁଡ଼ିକ ହେଉଛି ୦୧୧-୨୩୪୨୧୦୫୦ ଏବଂ ୦୧୧-୨୩୩୧୪୪୪୪ । ହ୍ୱାଟ୍‌ସ୍ଅପ୍ ନମ୍ବର ୯୨୮୯୦୯୪୦୪୪ ମାଧ୍ୟମରେ ମଧ୍ୟ ମେସେଜ୍ କରିପାରିବେ । ଆକାଶବାଣୀ ଗୋଲ୍‌ଡ୍ ଚ୍ୟାନେଲ୍ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । ସେହିପରି NEWS ON AIR DOT GOV DOT IN

ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ NEWS ON AIR OFFICIALରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ ।

## ହଜ୍ ପିଲ୍‌ଗ୍ରୀମ୍‌ସ୍

ଜେଦ୍ଦାହ୍‌ଠାରେ ପହଞ୍ଚିଥିବା ପ୍ରଥମ ପର୍ଯ୍ୟାୟ ଭାରତୀୟ ହଜ୍ ତୀର୍ଥଯାତ୍ରୀମାନେ ଆଜି ମକ୍କାକୁ ଦ୍ରୁତଗାମୀ ହର୍‌ମେନ୍ ଟ୍ରେନ୍ ଯୋଗେ ଯାତ୍ରା କରିଛନ୍ତି । ତୀର୍ଥଯାତ୍ରୀମାନଙ୍କୁ ଅଧିକ ସହଜ ଏବଂ ଆରାମଦାୟକ ସେବା ଯୋଗାଇଦେବା ଲକ୍ଷ୍ୟରେ ଜେଦ୍ଦାହ୍ ସ୍ଥିତ ଭାରତୀୟ କନ୍‌ସୋଲେଟ୍ ଜେନେରାଲ୍ ସାଉଦୀ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ପୂର୍ବରୁ ତୀର୍ଥଯାତ୍ରୀମାନେ ଜେଦ୍ଦାହ୍‌ରୁ ବସ୍‌ଯୋଗେ ମକ୍କାକୁ ଯାତ୍ରା କରୁଥିଲେ । ଚଳିତ ବର୍ଷ ପ୍ରାୟ ୩୨ ହଜାର ଭାରତୀୟ ହଜ୍ ଯାତ୍ରୀ ଏହି ସ୍ୱତନ୍ତ୍ର ସେବା ପାଇପାରିବେ ବୋଲି ଆକଳନ କରାଯାଇଛି ।

## ଆଇ.ପି.ଏଲ୍.

ଚଳିତ ଆଇ.ପି.ଏଲ୍. କ୍ରିକେଟ୍ ସିରିଜ୍‌ର ଫାଇନାଲ ମ୍ୟାଚ୍ ଆଜି ଖେଳାଯିବ । ଚେନ୍ନାଇର ଏମ୍.ଏ ଚିଦାମ୍ବରମ ଷ୍ଟାଡିୟମରେ ଆଉ କିଛି ସମୟ ପରେ କୋଲକାତା ନାଇଟ୍ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ

ଏହି ମୁକାବିଲା ଆରମ୍ଭ ହେବ ।  ଟସ୍ ଜିତି ସନ୍‌ରାଇଜର୍ସ ହାଇଦ୍ରାବାଦ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

*****